# ଭୁବନେଶ୍ୱର : ଦର୍ଶନୀୟ ତଥା ଆକର୍ଷଣୀୟ ସ୍ଥାନ

### ଲିଙ୍ଗରାଜ ମନ୍ଦିର

୫୪ ମିଟର ଉଚ୍ଚତା ବିଶିଷ୍ଟ ଏକାଦଶ ଶତାବ୍ଦୀର କୀର୍ତ୍ତି, ଭାରତ ବର୍ଷର ପ୍ରମୁଖ ଶୈବପୀଠ ମଧ୍ୟରୁ ଅନ୍ୟତମ ।

### ଧଉଳିଗିରି

ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ସଂଗଠିତ କଳିଙ୍ଗ ଯୁଦ୍ଧର ଯୁଦ୍ଧସ୍ଥଳୀ ଯାହା ସମ୍ରାଟ୍ ଅଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିଥିଲା । ଏଠାରେ ବିଂଶ ଶତାବ୍ଦୀର ୭୦ ଦଶକରେ ଏକ ବୌଦ୍ଧ ଶାନ୍ତିସ୍ତୂପ ନିର୍ମିତ ହୋଇଛି । ଏହି ସ୍ଥାନ ସମ୍ରାଟ ଅଶୋକଙ୍କ ଶିଳାଲିପି ଏବଂ ଧବଳେଶ୍ୱର ମନ୍ଦିର ପାଇଁ ମଧ୍ୟ ପ୍ରସିଦ୍ଧ ।

### ରାଜାରାଣୀ ମନ୍ଦିର

ଏକାଦଶ ଶତାବ୍ଦୀର କୀର୍ତ୍ତି । ଏହାର କାରୁକାର୍ଯ୍ୟମୟ ସ୍ଥାପତ୍ୟ, ଅଙ୍ଗ ଶିଖର ଅର୍ଥାତ ଅନେକ ମନ୍ଦିରକୁ ନେଇ ସଂଯୋଜନା ହୋଇଥିବା ମନ୍ଦିର ନିର୍ମାଣଶୈଳୀ ପାଇଁ ପ୍ରସିଦ୍ଧ । ଏହା ଏକ ଶସ୍ୟକ୍ଷେତ୍ର ଉପରେ ସ୍ଥାପିତ ଏବଂ ଏହି ସମଗ୍ର କାରୁକାର୍ଯ୍ୟମୟ ମନ୍ଦିରରେ ମାଧୁର୍ଯ୍ୟ ଓ କମନୀୟତା ପ୍ରସ୍ଫୁଟିତ ହୋଇଛି ।

### ବ୍ରହ୍ମେଶ୍ୱର ମନ୍ଦିର

ଏଠାରେ ଥିବା ପ୍ରତିଟି ମନ୍ଦିର ମାଧୁର୍ଯ୍ୟପୂର୍ଣ୍ଣ ସ୍ଥାପତ୍ୟରେ ପରିପୂର୍ଣ୍ଣ ଯେଉଁଥିରେ କି ଓଡ଼ିଆ ସ୍ଥାପତ୍ୟ ତଥା କଳାନୈପୁଣ୍ୟତା ପରିଲକ୍ଷିତ ହୋଇଥାଏ । ଏହା ଲିଙ୍ଗରାଜ ମନ୍ଦିରର ଏକ କ୍ଷୁଦ୍ର ପ୍ରତିରୂପ ଏବଂ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଏପରିକି ବିଦେଶୀମାନଙ୍କ ପାଇଁ ମଧ୍ୟ ।

### ଖଣ୍ଡଗିରି–ଉଦୟଗିରି

ପାଖାପାଖି ଥିବା ଏହି ଦୁଇଟି ପାହାଡ଼କୁ କୁମାରଗିରି ଓ କୁମାରୀଗିରି ମଧ୍ୟ କୁହାଯାଇଥାଏ । ଖ୍ରୀଷ୍ଟପୂର୍ବ ୧ମ ଏବଂ ୨ୟ ଶତାବ୍ଦୀରେ ସମ୍ରାଟ୍ ଖାରବେଳଙ୍କ ଦ୍ୱାରା ଜୈନଧର୍ମାବଲମ୍ବୀ ତପସ୍ୱୀଙ୍କ ପାଇଁ ନିର୍ମିତ ଅନେକଗୁଡ଼ିଏ ଗୁମ୍ଫା ଏଠାରେ ଦେଖିବାକୁ ମିଳେ । ଏଠାରେ ଥିବା ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ୧୩ ବର୍ଷର ଅନୁଶାସନ ଲିପିବଦ୍ଧ ହୋଇ ରହିଛି ତାହା ଭାରତ ଇତିହାସର ଏକ ଅମୂଲ୍ୟ ସମ୍ଭାର ।

### ଚଉଷଠି ଯୋଗିନୀ

ଏହା ଭୁବନେଶ୍ୱର ଉପକଣ୍ଠ ତଥା ସହରର ଦକ୍ଷିଣପୂର୍ବ ଦିଗରେ ୧୫ କି.ମି ଦୂରତାରେ ଅବସ୍ଥିତ ଗୋଟିଏ କ୍ଷୁଦ୍ର ଗୋଲାକାର ନବମ ଶତାବ୍ଦୀ ପ୍ରାରମ୍ଭର ଯୋଗିନୀ ମନ୍ଦିର । ଏହି ମନ୍ଦିରଟି ମୁକ୍ତାକାଶ ତଳେ ଅବସ୍ଥିତ ଏବଂ ଏହାର ସ୍ଥାପତ୍ୟ ଶୈଳୀ ଓଡ଼ିଶାର ପ୍ରମୁଖ ସ୍ଥାପତ୍ୟଠାରୁ ଭିନ୍ନ ଅଟେ ।

## ମୁକ୍ତେଶ୍ୱର ମନ୍ଦିର

ଦଶମ ଶତାବ୍ଦୀର ଶିବ ମନ୍ଦିର । ଓଡ଼ିଶା ମନ୍ଦିର କଳା ସ୍ଥାପତ୍ୟର ଅମୂଲ୍ୟରତ୍ନ ଭାବେ ପରିଗଣିତ ।

## ଏକାମ୍ର ହାଟ

ସହରର ମଧ୍ୟଭାଗରେ ଅବସ୍ଥିତ । ଏଠାରେ ଓଡ଼ିଶାର ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ଦେଖିବାକୁ ମିଳେ । ଏଠାରେ ବିବିଧ ପ୍ରକାର ସାମଗ୍ରୀ ଯଥା– ଟେରାକୋଟା, ପଟ୍ଟଚିତ୍ର, ଶିଙ୍ଗ ଖେଳନା, ଡୋକ୍ରା, ପ୍ରସ୍ତର ମୂର୍ତ୍ତି ଇତ୍ୟାଦି କାରିଗର ତଥା ଶିଳ୍ପୀମାନଙ୍କ ଦ୍ୱାରା ବିକ୍ରି କରାଯାଇଥାଏ ।

## ବି.ଡ଼ି.ଏ. ନିକୋ ପାର୍କ

୧୯୯୮ ମସିହାରେ ନିର୍ମିତ ସହରର ଏକ ମନୋରଞ୍ଜନ କେନ୍ଦ୍ର । ଏଠାରେ ନୌକାବିହାର ଏବଂ ଅନ୍ୟାନ୍ୟ ଆମୋଦଦାୟକ କ୍ରୀଡ଼ା ଉପକରଣ ରହିଛି । ଯୁବଗୋଷ୍ଠୀ ଓ ପିଲାମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥାନ । ଏହି ପାର୍କରେ ସନ୍ଧ୍ୟା ସମୟ ଅତିବାହିତ କରିବା ଏବଂ ବିବିଧ ଆମୋଦ ପ୍ରମୋଦ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ।

## ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର (ଏକାମ୍ର କାନନ)

୫୦୦ ଏକର ପରିମିତ ସ୍ଥାନ ଉପରେ ଏହି ଗବେଷଣା କେନ୍ଦ୍ର ଗଢ଼ି ଉଠିଛି । ଏଠାରେ ଏସିଆ ମହାଦେଶର ବୃହତ କ୍ୟାକଟସ୍ ପାର୍କ ଅଛି । ମନମୁଗ୍ଧକାରୀ କ୍ୟାକ୍‌ଟସ୍, ଗୋଲାପ ଏବଂ ଅନ୍ୟାନ୍ୟ ବିରଳ ଉଦ୍ଭିଦ ଏହି କେନ୍ଦ୍ରରେ ଦେଖିବାକୁ ମିଳିଥାଏ । ଏହା ଉଦ୍ଭିଦପ୍ରେମୀ, ପ୍ରକୃତିପ୍ରେମୀ ଏବଂ ଗବେଷକମାନଙ୍କ ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର

ବିଂଶ ଶତାବ୍ଦୀର ଅଶୀ ଦଶକ ଶେଷ ଭାଗରେ ନିର୍ମିତ ଏହି ପାର୍କରେ ବିଭିନ୍ନ ବିଜ୍ଞାନ ଉପକରଣ ଏବଂ ମଡ଼େଲ ରହିଛି । ପିଲାମାନେ ଆମୋଦ ପ୍ରମୋଦ ମଧ୍ୟରୁ ବିଜ୍ଞାନ ବିଷୟରେ ଏଠାରେ ଶିକ୍ଷାଲାଭ କରିବେ । ଏଠାରେ ପିଲାମାନଙ୍କ ପାଇଁ ଏକ କ୍ରୀଡ଼ା କର୍ଣ୍ଣର ଏବଂ ପ୍ରାଗ୍ ଐତିହାସିକ ବିଷୟ ସମ୍ବଳିତ ଏକ ପାର୍କ ରହିଛି ।

## ଇନ୍ଦିରା ଗାନ୍ଧୀ ପାର୍କ

ଏହି ପାର୍କଟି ୧୯୮୦ ଦଶକରେ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କ ସ୍ମୃତିସ୍ୱରୂପ ସ୍ଥାପିତ ହୋଇଛି । ଏହି ସ୍ଥାନରେ ସେ ତାଙ୍କର ଶେଷ ଭାଷଣ ପ୍ରଦାନ କରିଥିଲେ । ବ୍ୟସ୍ତ ବହୁଳ ସହରୀ ଜୀବନରୁ ସମୟ ବାହାର କରି ଏଠାକୁ ଆସିଲେ ଏହାର ସବୁଜିମା ମନ ମଧ୍ୟରେ ଶାନ୍ତି ଆଣିଦେଇଥାଏ । ବିବିଧ ଫୁଲ, ଉଦ୍ଭିଦ, ସ୍ତୂପ, ଝରଣା ଏବଂ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଏହି ପାର୍କର ମୁଖ୍ୟ ଆକର୍ଷଣ ।

## ବିଜୁ ପଟ୍ଟନାୟକ ପାର୍କ

ଭୁବନେଶ୍ୱର ୟୁନିଟ୍–୧ ସ୍ଥିତ ବିଜୁ ପଟ୍ଟନାୟକ ପାର୍କଟି ପୂର୍ବରୁ ଫରେଷ୍ଟ ପାର୍କ ଭାବେ ନାମିତ ହୋଇଥିଲା । ଏହି ପାର୍କଟି ୟୁନିଟ୍–୬ କ୍ୟାପିଟାଲ୍ ହସପିଟାଲ୍ ସମ୍ମୁଖରେ ଅବସ୍ଥିତ । ସହରର ମଧ୍ୟଭାଗରେ ବିସ୍ତୃତ ସବୁଜିମା ଏଠାରେ ଦେଖିବାକୁ ମିଳେ । ଏହି ପାର୍କଟି ନାଲ୍‌କୋ ଦ୍ୱାରା ବିକଶିତ ହୋଇଛି ଏବଂ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ମହାନଗର ନିଗମ ତୁଲାଉଛି । ବରିଷ୍ଠ ନାଗରିକ, ଜନସାଧାରଣ ଏବଂ ପିଲାମାନେ ଏଠାକୁ ପ୍ରାତଃ ଭ୍ରମଣ ଏବଂ ସାନ୍ଧ୍ୟ ଆମୋଦପ୍ରମୋଦ ପାଇଁ ପ୍ରାୟତଃ ଆସିଥାନ୍ତି । ଏହି ପାର୍କର ମଧ୍ୟସ୍ଥଳୀରେ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । ଏହି ପାର୍କରେ ପ୍ରବେଶ ପାଇଁ କୌଣସି ଦେୟ ଦେବାକୁ ପଡ଼େନାହିଁ ।

## ପଠାଣି ସାମନ୍ତ ପ୍ଲାନେଟୋରିୟମ

ଏହି ପ୍ଲାନେଟୋରିୟମ୍‌ଟି ପ୍ରସିଦ୍ଧ ଓଡ଼ିଆ ଜ୍ୟୋତିର୍ବିଦ୍ ଏବଂ ଗଣିତଜ୍ଞ ପଠାଣୀ ସାମନ୍ତଙ୍କ ଅବଦାନର ସ୍ମାରକୀ ସଦୃଶ୍ୟ ୧୯୯୦ ମସିହାରେ ନିର୍ମିତ ହୋଇଛି । ମହାକାଶ ବିଜ୍ଞାନ ସମ୍ବନ୍ଧିତ ଶ୍ରାବ୍ୟ-ଦୃଶ୍ୟ ପ୍ରଦର୍ଶନ ଏହାର ମୁଖ୍ୟ ଆକର୍ଷଣ ।

## ନନ୍ଦନକାନନ

ଭୁବନେଶ୍ୱରଠାରୁ ୧୮ କ.ମି. ଦୂରରେ ଅବସ୍ଥିତ ୪୭୨ ହେକ୍ଟର ପରିମିତ ଏହି ପ୍ରାଣୀ ଉଦ୍ୟାନଟି ୧୯୬୦ ମସିହା ଡିସେମ୍ବର ମାସ ୨୯ ତାରିଖରେ ପ୍ରତିଷ୍ଠା ହୋଇଛି । ଏଠାରେ ଏକ ମନୋଲୋଭା ଉଦ୍ଭିଦ ଉଦ୍ୟାନ ସହିତ ଏକ ପ୍ରାଣୀ ଉଦ୍ୟାନ ମଧ୍ୟ ରହିଛି । ଏହି ପ୍ରାଣୀ ଉଦ୍ୟାନରେ ଧଳାବାଘ, ସିଂହ ସଫାରୀ, ରାତ୍ରିଚର ପ୍ରାଣୀ ଗୃହ, ସରୀସୃପ ଉଦ୍ୟାନ, କେବୁଲ କାର୍ ଏବଂ ନୌକାବିହାର ସୁବିଧା ସହ ଏକ ବିସ୍ତୀର୍ଣ୍ଣ ହ୍ରଦ ରହିଛି ।

## ଜୟଦେବ-କେନ୍ଦୁବିଲ୍ୱ

ଏହା ଭୁବନେଶ୍ୱରରୁ ୨୫ କି.ମି ଦୂରରେ ଅବସ୍ଥିତ । ଏହା ଦ୍ୱାଦଶ ଶତାବ୍ଦୀର ଭକ୍ତ କବି ଜୟଦେବଙ୍କର ଜନ୍ମସ୍ଥାନ । 'ଗୀତ ଗୋବିନ୍ଦ'ରେ ଦର୍ଶାଯାଇଥିବା ୧୨ଟି ପଦ ଏବଂ ଏଠାରେ ଥିବା ସଂଗ୍ରହାଳୟଟି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

## ଓଡ଼ିଶା ରାଜ୍ୟ ସଂଗ୍ରହାଳୟ

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୧୯୩୨ ମସିହାରେ ପ୍ରତିଷ୍ଠା ହୋଇ ପରବର୍ତ୍ତୀ କାଳରେ ୧୯୬୦ ମସିହାରୁ ବର୍ତ୍ତମାନର ସୌଧରେ କାର୍ଯ୍ୟକରି ଆସୁଛି । ଏହି ସଂଗ୍ରହାଳୟଟି ୧୧ଟି ଭାଗରେ ବିଭକ୍ତ ଯଥା:- ପ୍ରତ୍ନତତ୍ତ୍ୱ, ଶିଳାଲେଖ, ମୁଦ୍ରା ତତ୍ତ୍ୱ, ଅସ୍ତ୍ରାଗାର, ଖଣିଜ ଓ ଭୂତତ୍ତ୍ୱ, ପ୍ରାକୃତିକ ଇତିହାସ, କଳା ଓ ସ୍ଥାପତ୍ୟ, ସମକାଳୀନ ଚିତ୍ରକଳା, ପଟ୍ଟଚିତ୍ର, ନୃତତ୍ତ୍ୱ ଏବଂ ତାଳପତ୍ର ପୋଥି । ଏହି ସଂଗ୍ରହାଳୟଟି ଜଣେ ଅଧୀକ୍ଷକଙ୍କ ଦ୍ୱାରା ପରିଚାଳିତ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରଶାସନ ଅଧୀନରେ ରହିଛି ।

## ଜନଜାତି ସଂଗ୍ରହାଳୟ

ଭୁବନେଶ୍ୱରସ୍ଥିତ ସି.ଆର.ପି. ଛକ ନିକଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନ ପରିସରରେ ଅବସ୍ଥିତ ଏହି ସଂଗ୍ରହାଳୟ ଯଦିଓ ମୂଳତଃ ୧୯୮୭ ମସିହାରେ ପରିକଳ୍ପିତ ହୋଇଥିଲା, କିନ୍ତୁ ୨୦୦୧ ମସିହା ମାର୍ଚ୍ଚ ୫ ତାରିଖରେ ଏହା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହେଲା । ଆଜିକାଲି ସ୍ୱଦେଶୀ ଯନ୍ତ୍ରପାତି, କାରିଗରୀ, ଅସ୍ତ୍ରଶସ୍ତ୍ର, ବେତବୁଣା ଦ୍ରବ୍ୟ, ମାଟିଡିଆରି ପାତ୍ର, ବସ୍ତ୍ର, ପୋଷାକ, ଅଳଙ୍କାର ଓ ଗ୍ରାମୀଣ ସାମଗ୍ରୀ ନୂତନ ପିଢିଙ୍କ ପାଇଁ ଅର୍ଥହୀନ ହୋଇପଡିଛି । ଏହି ସଂଗ୍ରହାଳୟରେ ବିଭିନ୍ନ ପ୍ରକାରର ପୋଷାକ ଓ ଅଳଙ୍କାର, ଢୋକ୍ରା ସାମଗ୍ରୀ, ନୃତ୍ୟ ଓ ସଂଗୀତରେ ବ୍ୟବହୃତ ଜିନିଷ, ଶିକାରରେ ବ୍ୟବହୃତ ଅସ୍ତ୍ର, ମାଛ ଧରିବା ଜାଲ, ପ୍ରତିରୋଧ କରିବା ଅସ୍ତ୍ରଶସ୍ତ୍ର, ଘରକରଣା ସାମଗ୍ରୀ, ଚିତ୍ରକଳା ଓ ଫଟୋଚିତ୍ର ଇତ୍ୟାଦି ପ୍ରଦର୍ଶିତ ହୋଇଥାଏ ।

❖ ❖ ❖